ଶ୍ରୀ ରାମ୍ ନିୱାସ୍ ଟୋଡି ଏବଂ ଅନ୍ୟଜଣେ

ବନାମ

ବିବି ଜାବୁନିସା ଏବଂ ଅନ୍ୟମାନେ

ଅଗଷ୍ଟ 6, 1996

[ଏମ୍.ଏମ୍. ପୁଞ୍ଚି, ଏବଂ କେ. ଭେଙ୍କଟସ୍ୱାମୀ, ନ୍ୟାୟମୂର୍ତ୍ତିଦ୍ୱୟ]

*ମୁସଲିମ ଆଇନ:*

*ଉପହାର - ମୌଖିକ ଉପହାର -ଜମି ସହିତ ଗୃହ ସମ୍ପତ୍ତିର ଦଖଲରେ ଥିବା ବାଦୀ-ଉତ୍ତରଦାତା -ତାଙ୍କ ସପକ୍ଷରେ ବାଦୀ ଉତ୍ତରଦାତାଙ୍କ ଶ୍ୱଶୁରଙ୍କ ଦ୍ୱାରା ସମ୍ପତ୍ତିର ମୌଖିକ ଉପହାର -ଏଠାରେ ଏକ ଲିଖିତ କିନ୍ତୁ ପଞ୍ଜୀକୃତ ହୋଇନଥିବା ଉପହାର ଦଲିଲ ମଧ୍ୟ ଥିଲା -ନିର୍ଣ୍ଣୟ ହେଲା, ଏହା କୁହାଯାଇପାରିବ ନାହିଁ ଯେ ଲିଖିତ ଉପହାରର ଉପସ୍ଥିତିରେ କୌଣସି ମୌଖିକ ଉପହାର ନଥିଲା -ଏହା ପରେ ଉପହାରକୁ ଦଖଲ କରି ସମ୍ପୂର୍ଣ୍ଣ କରାଯାଇଥିଲା, ଯାହା ନିମ୍ନରେ ଥିବା ତିନୋଟି ଅଦାଲତ ଦ୍ୱାରା ଯଥାର୍ଥ ଭାବରେ ବିଚାର ହୋଇଥିଲା -ଉପହାରକୁ ସମର୍ଥନ କରିବାରେ ଉଚ୍ଚ ନ୍ୟାୟାଳୟ ଠିକ୍ ଥିଲେ ।*

ଦେୱାନୀ ଅପିଲିୟ କ୍ଷେତ୍ରାଧିକାରିତା : ଦେୱାନୀ ଅପିଲ ସଂଖ୍ୟା 2276/1987 ।

1979 ର ଡିକ୍ରି ସଂଖ୍ୟା 596 ଏବଂ 597 ରୁ ଅପିଲରେ ପାଟନା ଉଚ୍ଚ ନ୍ୟାୟାଳୟର 24.9.86 ତାରିଖର ରାୟ ଏବଂ ଆଦେଶରୁ ।

ଅପିଲକାରୀମମାନଙ୍କ ପାଇଁ ଏଚ.କେ. ପୁରୀ ।

ଉତ୍ତରଦାତାମାନଙ୍କ ପାଇଁ ପି.ଏସ୍. ଝାଙ୍କ ପାଇଁ ମହମ୍ମଦ. କାଜିମ୍ ଶେର୍ ।

ନ୍ୟାୟାଳୟଙ୍କର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ବିଚାରଣ ନ୍ୟାୟାଳୟ ସମ୍ମୁଖରେ ଏହା ସ୍ୱୀକାର କରାଯାଇଥିଲା ଯେ 41.5 ଡେସିମିଲ୍ ପରିମିତ ମକଦ୍ଦମାଭୁକ୍ତ ଜମି ଘରବାଡି ଜମି ଥିଲା ଏବଂ ସେଥିରେ ଅନେକ ଫୁସ୍ (ଚାଳ) ଏବଂ ଟାଇଲ୍ସ ନିର୍ମିତ ଘର ନିର୍ମାଣ କରାଯାଇଥିଲା, ଯାହା ବହୁ ଦିନ ଧରି ବାଦୀ-ଉତ୍ତରଦାତାଙ୍କ ଦଖଲରେ ଥିଲା, ଏପରିକି ତାଙ୍କ ଶ୍ୱଶୁରଙ୍କ ଦ୍ୱାରା ତାଙ୍କ ସପକ୍ଷରେ ନିଷ୍ପାଦିତ ହୋଇଥିବା ଉପହାର ପ୍ରଦର୍ଶ 1 ପୂର୍ବରୁ । ଯେହେତୁ ପକ୍ଷଗୁଡ଼ିକ ମୁସଲମାନ ଥିଲେ, ଜଣେ ଶ୍ୱଶୁରଙ୍କ ଦ୍ୱାରା ତାଙ୍କ ବୋହୂଙ୍କୁ ଏକ ମୌଖିକ ଉପହାର ଅନୁମୋଦିତ ଥିଲା କିନ୍ତୁ ଏଠାରେ ଏମିତି ଏକ ଥିଲା ଯାହା ଲିଖିତ ଥିଲା କିନ୍ତୁ ପଞ୍ଜୀକୃତ ହୋଇନଥିଲା । କୌଣସି ପରିସ୍ଥିତିରେ ଏହା କୁହାଯାଇପାରିବ ନାହିଁ

ଯେ ଏହା ସମ୍ମୁଖରେ କୌଣସି ମୌଖିକ ଉପହାର ନଥିଲା । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହା ପରେ ଉପହାରକୁ ସମ୍ପୂର୍ଣ୍ଣ କରିବା ପାଇଁ ଦଖଲ କରାଯାଇଥିଲା ଏବଂ ତାହା ହେଉଛି ସମସ୍ତ ତିନୋଟି ଅଦାଲତର ସିଦ୍ଧାନ୍ତ ।

ଉଚ୍ଚ ନ୍ୟାୟାଳୟ ସମ୍ମୁଖରେ ବିତର୍କ ଏହି ଭୁଲ ଆଧାରକୁ କେନ୍ଦ୍ର କରି ହୋଇଥିଲା ଯେ ଉପହାର ଦିଆଯାଇଥିବା ସମ୍ପତ୍ତି ହେଉଛି କୃଷି ଜମି, ଯେଉଁଥିରେ ବିହାର ପ୍ରଜାସ୍ୱତ୍ୱ ଅଧିନିୟମ,1885 ଏବଂ ବିହାର ଜମି ସଂସ୍କାର (ସର୍ବାଧିକ ସୀମା ନିର୍ଦ୍ଧାରଣ ଏବଂ ବଳକା ଜମି ଅଧିଗ୍ରହଣ) ଅଧିନିୟମର ବ୍ୟବସ୍ଥା ମଧ୍ୟ ଆକର୍ଷିତ ହୋଇଥିଲା । ତଥାପି, ସେହି ବ୍ୟବସ୍ଥାଗୁଡ଼ିକୁ ଧ୍ୟାନରେ ରଖି, ଉଚ୍ଚ ନ୍ୟାୟାଳୟ ଏହି ଉପସଂହାରରେ ପହଞ୍ଚିଲେ ଯେ ଜଣେ ମୁସଲମାନଙ୍କ ଦ୍ୱାରା ଦିଆଯାଇଥିବା ମୌଖିକ ଉପହାର ପ୍ରଜାସ୍ୱତ୍ୱ ଆଇନର ବ୍ୟବସ୍ଥା ଉପରେ ପ୍ରାଧାନ୍ୟ ବିସ୍ତାର କରିବ, ଯାହା ଏକ ପଞ୍ଜୀକୃତ ଦଲିଲ ମାଧ୍ୟମରେ ସ୍ଥାନାନ୍ତର ହେବାର ଅଧିଭୋଗ ଅଧିକାର ଆବଶ୍ୟକ କରେ । ଆମେ ଭାବୁଛୁ ଯେ ଉଚ୍ଚ ନ୍ୟାୟାଳୟ ଏପରି ବିବାଦରେ ପ୍ରବେଶ କରିବା ଏବଂ ମୁସଲମାନ ସ୍ୱୀୟ ବିଧି ତୁଳନାରେ ପ୍ରଜାସ୍ୱତ୍ୱ ଆଇନକୁ ଅସୁବିଧାରେ ପକାଇବା ଅନାବଶ୍ୟକ ଥିଲା । ଥରେ ଏହା ପ୍ରମାଣିତ ହୋଇଗଲା ଯେ ବିବାଦୀୟ ସମ୍ପତ୍ତି ଘର-ସମ୍ପତ୍ତି ଥିଲା, ଯେଉଁଥିରେ ଜମିର ଖୋଲା ସ୍ଥାନ ଏବଂ ତା'ର ଅଧୀନସ୍ଥ ଅଂଶ ଅନ୍ତର୍ଭୁକ୍ତ ଥିଲା, ଯାହା ବାଦୀ-ଉତ୍ତରଦାତାଙ୍କୁ ତାଙ୍କ ସପକ୍ଷରେ ଏକ ମୌଖିକ ଉପହାର ପରେ ଦଖଲରେ ରଖାଯାଇଥିଲା, ତାହା ସ୍ୱୟଂ ତାଙ୍କ ମକଦ୍ଦମାକୁ ପ୍ରତ୍ୟାଖ୍ୟାନ କରିବା ପାଇଁ ଯଥେଷ୍ଟ ହେବା ଉଚିତ ଥିଲା ଏବଂ ପ୍ରତିବାଦୀ-ଅପିଲକାରୀଙ୍କ ଆବେଦନକୁ ଖାରଜ କରି ଦିଆଯାଇଥିଲା ଯେ ଉପହାରକୁ ଅବୈଧ ବୋଲି କୁହାଯାଇଥିଲା, ଯାହା ମୃତ ମାଲିକଙ୍କ ପ୍ରକୃତ ଉତ୍ତରାଧିକାରୀମାନଙ୍କୁ ଉତ୍ତରାଧିକାର ଦ୍ୱାରା ଦାବି କରିବାକୁ ବାଧ୍ୟ କରିଥିଲା ।

ଏହି ଦୃଷ୍ଟିକୋଣରୁ ଆମେ ଉଚ୍ଚ ନ୍ୟାୟାଳୟଙ୍କ ଆଦେଶକୁ ନିଶ୍ଚିତ କରୁଛୁ ଯେପର୍ଯ୍ୟନ୍ତ ଆମେ ଉପହାରର ବୈଧତା ବିଷୟରେ ସହମତ, ପ୍ରଜାସ୍ୱତ୍ୱ ଆଇନ ଉପରେ ଆଲୋଚନାର ତାଙ୍କ ରାୟକୁ ଅସ୍ୱୀକାର କରୁଛୁ । ତଦନୁସାରେ ଅପିଲକୁ ଖାରଜ କରାଯାଇଛି । କୌଣସି ଖର୍ଚ୍ଚ ନାହିଁ ।

ଆର୍.ପି. ଅପିଲ ଖାରଜ ହେଲା ।

**<u>ଅସ୍ୱୀକରଣ</u>**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର:***
ସୁବୋଧ ରାଉତ,
ଉପବିଭାଗ ଅଧିକାରୀ (ଅନୁବାଦ),
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।